

# ରାଜଧାନୀରୁ ଗ୍ୟାସ୍ ସିଲିଣ୍ଡର ଉଭାନ



ଭୁବନେଶ୍ୱର, ୧୨।୩(ସମିସ): ରାଜଧାନୀରେ ଗ୍ୟାସ ସିଲିଣ୍ଡର ବ୍ୟାପକ କଳାବଜାରୀ ହେଉଛି। ଘରୋଇ ସିଲିଣ୍ଡର ୧ହଜାର ତଳକୁ ରହିଥିଲା ବେଳେ ଏହାକୁ ଅଢେଇ ଗୁଣାରୁ ଉର୍ଦ୍ଧ୍ୱ ଅର୍ଥାତ୍ ୨୫୦୦ ଟଙ୍କାରେ ବିକ୍ରି କରାଯାଉଛି। ସେହିପରି ବାଣିଜ୍ୟିକ ସିଲିଣ୍ଡର ପିଛା ୫ଶହରୁ ଉର୍ଦ୍ଧ୍ୱ ଟଙ୍କା ନିଆଯାଉଛି। ଗୋଟିଏ ପଟେ ଗ୍ୟାସ ସିଲିଣ୍ଡର ଦର ବୃଦ୍ଧି ଲୋକଙ୍କ ପକେଟ୍‌କୁ ପ୍ରଭାବିତ କରୁଥିଲା ବେଳେ ଆଉ ଗୋଟେ ପଟେ ବିଭିନ୍ନ ଏଜେନ୍ସିମାନଙ୍କ ଲୁଟ୍‌ତରାଜ ଆଉ କଳାବଜାରୀ ଲୋକଙ୍କୁ ଆକ୍ରାମାକ୍ରା କରି ପକାଇଲାଣି। ଯୋଗଣ ବିଭାଗର ଅଧିକାରୀ ଧର୍ମକୁ ଅଖିଠାର ମାଣିଲା ଭଳି କାଁ ଭାଁ ଚଢାଉ କରି ସବୁକିଛି ଠିକ୍ ଚାଲିଛି ବୋଲି ନିଜ ପ୍ରଚାରାରେ ବ୍ୟସ୍ତ।

ଆମେରିକା, ଇସ୍ରାଏଲ୍ ସହ ଇରାନ୍ ଯୁଦ୍ଧ ସାଧାରଣ ଲୋକେ ଏବଂ ସରକାରଙ୍କ ପାଇଁ ମୁଣ୍ଡବିନ୍ଧା ପାଲଟିଥିଲା ବେଳେ ଅସାଧୁ ଗ୍ୟାସ ଏଜେନ୍ସି ମାଲିକ ଏବଂ ଏହାର କର୍ମଚାରୀଙ୍କ ପାଇଁ ଲୋକଙ୍କୁ ଲୁଟ୍ କରିବାକୁ ଏକ ଅବସର ଆଣି ଦେଇଛି।

- **ପ୍ରଶାସନ ସ୍ଥାଣୁ, ଯୋଗାଣ ଅଧିକାରୀ ଫୋନ୍ ଉଠାଉନାହାନ୍ତି**
- **ସ୍ୱତନ୍ତ୍ର ଟିମ୍ ଗାଏବ୍, କାମ ଦେଉନି କାଁ ଭାଁ ଚଢ଼ଉ**

ବିଭିନ୍ନ ଏଜେନ୍ସି ବୁକିଂ ଲୋକଙ୍କୁ ଠାରୁ ବୁକିଂ ନେଉ ନାହାନ୍ତି। ଯେଉଁ ନମ୍ବରରେ ବର୍ଷ ବର୍ଷ ଧରି ଗ୍ୟାସ ସିଲିଣ୍ଡରକୁ ବୁକିଂ କରାଯାଉଥିଲା ତାହା ଏବେ ବନ୍ଦ ରହୁଛି। ସରକାର ଏଲ୍‌ପିଜି ମହଜୁଦ୍ ଥିବା ଘୋଷଣା କରୁଥିଲା ବେଳେ ବଜାରରେ ଏଜେନ୍ସି ମାନଙ୍କ ଦ୍ୱାରା କୃତ୍ରିମ ଅଭାବ ସୃଷ୍ଟି କରାଯାଉଛି। ଯଦି ଗ୍ୟାସ୍ ସିଲିଣ୍ଡର ସତରେ ଅଭାବ ରହିଛି ଅଧିକ ଟଙ୍କା ଦେଲେ ଏସବୁ ତୁରନ୍ତ କିଭଳି ଉପଲବ୍ଧ ହୋଇଯାଇଛି ତାହାକୁ ନେଇ ପ୍ରଶ୍ନ ଉଠୁଛି।

ଏହି କଳାବଜାରୀକୁ ରୋକିବାକୁ ଯୋଗାଣ ବିଭାଗ ପକ୍ଷରୁ ରାଜଧାନୀରେ ଏସିଏସ୍‌ଓ ରୋହିତ ଦାସଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଛି। ଏହି ଟିମ୍‌ର ଦାୟିତ୍ୱ ଗ୍ୟାସ୍ ସିଲିଣ୍ଡରର କଳାବଜାରୀକୁ ରୋକିବା। ବିଭିନ୍ନ ସ୍ଥାନରେ ଚଢାଉ କରି ଗ୍ୟାସ୍ ଯୋଗାଣକୁ କଳାବଜାରୀମୁକ୍ତ କରିବା। ରାଜଧାନୀରେ ଘରୋଇ ଗ୍ୟାସ ସିଲିଣ୍ଡର ଅଢେଇ ଗୁଣା ଅଧିକ ଦରରେ ବିକ୍ରି ହେଉଥିଲା ବେଳେ ଯୋଗାଣ ବିଭାଗ କେମିତି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି ସେନେଇ ଲୋକେ ପ୍ରଶ୍ନ କରିଛନ୍ତି। ଏପରିକି ଗ୍ୟାସ କଳାବଜାରୀ ନେଇ ଲୋକେ ଯୋଗାଣ ବିଭାଗ ଅଧିକାରୀଙ୍କୁ ଯୋଗାଯୋଗ କରିବାକୁ ଚେଷ୍ଟା କରୁଛନ୍ତି। କିନ୍ତୁ ଯେଉଁ ସମୟରେ ଗ୍ୟାସ୍ ସିଲିଣ୍ଡରର ସର୍ବାଧିକ କଳାବଜାରୀ ହେଉଛିୟ ସେହି ସମୟରେ ଯୋଗାଣ ଅଧିକାରୀ ଭୁବନେଶ୍ୱରରୁ ଗାଏବ୍ ହୋଇଯାଉଛନ୍ତି। ଫୋନ୍ କଲେ ଫୋନ୍ ଉଠାଉ ନାହାନ୍ତି। ଅଭିଯୋଗ ସମ୍ପର୍କରେ ଏସିଏସ୍‌ଓ ରୋହିତ ଦାସଙ୍କୁ ଯୋଗାଯୋଗ କରିବାକୁ ଚେଷ୍ଟା କଲେ ସେ କଲ୍ ରିସିଭ୍ କରି ନଥିଲେ।

ରସୁଲଗଡ଼ ଅଞ୍ଚଳର ରୂପେସ ନାୟକ କହିଛନ୍ତି ଯୋଗାଣ ଅଧିକାରୀମାନେ ଏଜେନ୍ସି ମାଲିକଙ୍କ ସହ ମିଳିମିଶି ରହୁଛନ୍ତି। ସେମାନଙ୍କ ଭିତିରିଆ ସନ୍ଧି ରହିଛି। ସେମାନଙ୍କୁ ସବୁ ଜଣା। କେଉଁଠି କଳାବଜାରୀ ହେଉଛି। କିଏ କରୁଛି। କେଉଁ ଏଜେନ୍ସି କେତେ ଟଙ୍କା ଅଧିକ ଗ୍ରାହକଙ୍କ ଠାରୁ ଲୁଟ୍ କରୁଛନ୍ତି। ନିରବ ରହିଲେ ବହୁ ଫାଇଦା ମିଳିବ। କାମ କଲେ କ'ଣ ଲାଭ ବୋଲି ରୂପେସ କହିଛନ୍ତି।

## ମିଳୁନି ସିଲିଣ୍ଡର; ବାହାଘର ତାରିଖ ଘୁଞ୍ଚୁଛି

ଭୁବନେଶ୍ୱର, ୧୨।୩(ସମିସ): ଇରାନ୍ ଯୁଦ୍ଧର ପ୍ରଭାବ ଘର ରୋଷେଇଶାଳ ଉପରେ ପଡ଼ିଥିଲା। ହେଲେ ଏବେ ପର୍ବପର୍ବାଣି ଏବଂ ସାମାଜିକ କାର୍ଯ୍ୟକ୍ରମ ଏବଂ ଭୋଜି ଭାତ ଉପରେ ପଡ଼ିଛି। ସିଲିଣ୍ଡର ସଂକଟ ଦେଖାଦେବାରୁ ବାହାଘର ପ୍ରସ୍ତୁତିରେ ସିଲିଣ୍ଡର ମିଳୁଛି କି ନାହିଁ ତାହା ଏବେ ଚର୍ଚ୍ଚାର ମୁଖ୍ୟ ବିଷୟବସ୍ତୁ ପାଲଟିଛି। ଭୋଜି ପାଇଁ ଏବେ ସିଲିଣ୍ଡର ଯୋଗାଡ କରିବା କାଠିକର ପାଠ ହୋଇଗଲାଣି। ଏଣୁ ବହୁ ସଂଖ୍ୟାରେ ଲୋକେ ବିବାହ ଏବଂ ବ୍ରତଘର ତାରିଖ ଘୁଞ୍ଚାଇ ଦେଉଛନ୍ତି। ଗ୍ୟାସ ନ ମିଳିବା ପର୍ଯ୍ୟନ୍ତ ବିବାହ କିମ୍ବା ସାମାଜିକ କାର୍ଯ୍ୟକ୍ରମ କରିବେ ନାହିଁ ବୋଲି ମତ ପ୍ରକାଶ କରୁଛନ୍ତି। ଏପରିକି ଭୋଜିରେ ବହୁ ପ୍ରକାର ଆଇଟମ୍ ଆଉ ଦେଖିବାକୁ ମିଳୁନାହିଁ। କାଠରେ ଜାଳି ଯେତିକି ହୋଇପାରିବ ସେତିକି ହେଉଛି।

### ପରିବା ବିକୁଛନ୍ତି ରୋଷେୟା

ବିଭିନ୍ନ ହୋଟେଲ ବନ୍ଦ ହେବା ଉପରେ। ଥାଳିର ଦର ସମାନ ଥିଲା ବେଳେ ଆଇଟମ୍ କମିଯାଇଛି। ରାଜଚଧାନୀରେ ଠେଲାରେ ତାଲା ଲାଗିଛି। ଖାଦ୍ୟ ପ୍ରସ୍ତୁତ କରୁଥିବା ଠେଲା ଗାଡି କାଁ ଭାଁ ଦେଖିବାକୁ ମିଳୁଛି। ବଡ଼ ବଡ଼ ଢାବା ଅବସ୍ଥା ସାଙ୍ଘାତିକ୍ ହୋଇପଡ଼ିଲାଣି। ଏଣୁ ବହୁ ସଂଖ୍ୟାରେ ରୋଷେୟା ନିଜର ଜୀବିକା ହରାଇଲେଣି। ପେଟପାଟଣା ପାଇଁ ଗାଁରୁ ରାଜଧାନୀକୁ ଧାଇଁ ଆସୁଥିବା ରେଷେୟା ଏବେ ଘର ବାହୁଡା କରୁଛନ୍ତି। ଗାଁରେ ଯାଇ ପରିବା ବିକ୍ରି କରି ପେଟ ପୋଷିବେ ବୋଲି ମତ ପ୍ରକାଶ କରୁଛନ୍ତି।

### କାଠ ଗୋଲାରେ ଭିଡ଼

ପୂର୍ବରୁ ତେଲ ଟାଙ୍କି ଏବଂ ଗ୍ୟାସ୍ ଏଜେନ୍ସିରେ ଭିଡ ହୁଏ। ଏହି ଭିଡ ଏବେ କାଠଗୋଲା ମୁହାଁ। ଜାଳେଣି ପାଇଁ କାଠ ନେବାକୁ ଏମାନଙ୍କ ଭିଡ ଜମୁଛି। ବହୁ ସଂଖ୍ୟାରେ ଲୋକେ ଲମ୍ବା ଲାଇନ୍ କରୁଛନ୍ତି। ଘଣ୍ଟା ଘଣ୍ଟା ଧରି ଲାଇନରେ ଆସି କାଠ ନେଇ ଯାଉଛନ୍ତି। ସହର ଭିତରୁ ରାଜଧାନୀର ଉପକଣ୍ଠ ଅଞ୍ଚଳ ଭଗବାନପୁର, ପଟିଆ, ଧଉଳି ଭଳି ଅଞ୍ଚଳକୁ ଆସି ଲୋକେ କାଠ ନେଇ ଯାଉଛନ୍ତି।

## ଜନତା ସବୁ ଜାଣନ୍ତି

# ଏବେ ଉଠା ଚୁଲି ହିଁ ଭରସା

ଭୁବନେଶ୍ୱର, ୧୨।୩(ସମିସ): ମଧ୍ୟପ୍ରାଚୀରେ ଯୁଦ୍ଧ ଥମିବାର ନାଁ ଧରୁନାହିଁ। ଏପଟେ ସରକାରଙ୍କ ପକ୍ଷରୁ ଏଲ୍‌ପିଜି ଗ୍ୟାସକୁ ନେଇ କୌଣସି ସ୍ପଷ୍ଟୀକରଣ ଦିଆଯାଉନାହିଁ। ଫଳରେ ହାଣ୍ଡିଶାଳର ଏ ଯନ୍ତ୍ରଣା କେବେ ସୁଧୁରିବ କେହି କିଛି କହିପାରୁନାହାନ୍ତି। ଏହି ପରିପ୍ରେକ୍ଷୀରେ ଏଲ୍‌ପିଜି ଗ୍ୟାସ ପାଇଁ ଲୋକେ ନାନା ପ୍ରକାରର ହନ୍ତସନ୍ତ ହେଉଛନ୍ତି। ବେପାରୀମାନେ ଚୋରା ସହ ଚଢ଼ା ଦରରେ ଗ୍ରାହକଙ୍କୁ ଏଲ୍‌ପିଜି ଗ୍ୟାସ ବିକ୍ରି କରୁଛନ୍ତି। ଯେଉଁ ସ୍ଥାନରେ ଗ୍ୟାସ କିଛି ମିଳୁଛି ତାହାର ଦର ପକେଟ୍‌କୁ ବହୁତ ବାଧୁଛି। ଏହା ମଧ୍ୟରେ ବାହାରେ ରହୁଥିବା ଯୁବପିଢ଼ି ହୁଅନ୍ତୁ ଅବା ଗୃହିଣୀମାନେ ଅଧିକ ହଇରାଣ ହରକତ ହେଉଛନ୍ତି। ଗୃହିଣୀମାନେ ଏବେ ଦିନକୁ ଗୋଟିଏ ଥର ରୋଷେଇ କରୁଥିବା ବେଳେ ତିନି ଚାରି ପ୍ରକାର ଆଇଟମ୍ ନ କରି ଗୋଟିଏ ଆଇଟମ୍‌ରେ କାମ ସାରି ଦେଉଛନ୍ତି। ଯୁବପିଢ଼ିଙ୍କୁ ବାହାରେ ଖାଇବାକୁ ମିଳୁନାହିଁ। ଆଉ ଯେଉଁ ହୋଟେଲରେ ଖାଦ୍ୟ ମିଳୁଛି ତାହାର ଦର ଆକାଶ ଛୁଆଁ ହୋଇପଡ଼ିଛି।



ଯୁଦ୍ଧର ଭୟାବହ ସ୍ଥିତି ହାଣ୍ଡିଶାଳକୁ ବହୁତ୍ ପ୍ରଭାବିତ କରିଛି। ଏଲପିଜି ଗ୍ୟାସ୍ ସଙ୍କଟ ଯୋଗୁଁ ଗୋଟେ ସମୟ ରୋଷେଇ କରି ରଖିବାକୁ ପଡୁଚି। ଯେଉଁ ଗ୍ୟାସ୍‌କୁ ସୁଲଭ ମୂଲ୍ୟ ଓ ସହଜରେ ପାଉଥିଲୁ ତାହା ଏବେ ପକେଟକୁ ବାଧିବା ସହ ପାଇବା କଷ୍ଟ ହୋଇଛି। ଏହି ପରିପେକ୍ଷରେ ପରିବାର ଚଳାଇବା ଅତ୍ୟନ୍ତ କଷ୍ଟକର ହୋଇଛି। ସରକାର ଏହି ଏଲ୍‌ପିଜି ସଙ୍କଟରୁ ଜଲଦି ମୁକ୍ତ କରିବେ ବୋଲି ଆଶା କରୁଛୁ।

**-ବନଲତା ଦାସ, ଗୃହିଣୀ**



ଇରାନ ଓ ଆମେରିକା ମଧ୍ୟରେ ଚାଲିଥିବା ଯୁଦ୍ଧର ପ୍ରଭାବ ଏବେ ରାଜଧାନୀରେ ମଧ୍ୟ ଦେଖିବାକୁ ମିଳୁଛି। ଗ୍ୟାସ ସିଲିଣ୍ଡର ସମୟରେ ପହଞ୍ଚି ପାରୁନଥିବାରୁ ସହରର ଅନେକ ଲୋକ ଉଠା ଚୁଲି ବ୍ୟବହାର କରିବାକୁ ବାଧ ହେଉଛନ୍ତି। ଗ୍ୟାସ ସିଲିଣ୍ଡର ପାଇଁ ଲୋକମାନେ ଦୋକାନ ଆଗରେ ଦୀର୍ଘ ଧାଡ଼ିରେ ଠିଆ ହୋଇ ଅପେକ୍ଷା କରୁଛନ୍ତି। ଏହି ପରିସ୍ଥିତିର ସୁଯୋଗ ନେଇ କିଛି ଗ୍ୟାସ ସିଲିଣ୍ଡର ବ୍ୟବସାୟୀ ସିଲିଣ୍ଡରକୁ ଅଧିକ ଦରରେ ବିକ୍ରି କରୁଥିବା ଅଭିଯୋଗ ମଧ୍ୟ ଉଠୁଛି।

**-ଜ୍ୟୋତ୍ସ୍ନାରାଣୀ କର, ନର୍ସ**



ଏବେ ହଷ୍ଟେଲରେ ରହୁଥିବାରୁ ପ୍ରତିଦିନ ହୋଟେଲରୁ ଖାଦ୍ୟ ମଗାଇ ଖାଏ। କିନ୍ତୁ ବର୍ତ୍ତମାନ ଏଲପିଜି ଗ୍ୟାସ ସଂକଟ ଯୋଗୁଁ ହୋଟେଲଗୁଡ଼ିକରେ ରାନ୍ଧଣା ବନ୍ଦ ହୋଇଯାଇଛି। ଯେଉଁଠାରୁ ମୁଁ ପ୍ରତିଦିନ ଖାଦ୍ୟ ଆଣୁଥିଲି, ସେଠାରୁ ମଧ୍ୟ ଆଉ ଖାଦ୍ୟ ମିଳୁନାହିଁ। ବାହାରକୁ ଗଲେ ବହୁତ ହୋଟେଲ ବନ୍ଦ ଥିବାରୁ ଖାଦ୍ୟ ମିଳିବା ମୁସ୍କିଲ ହୋଇପଡ଼ିଛି। ଏହି ପରିସ୍ଥିତିରେ ଦିନକୁ ଦିନ ଖାଇବା ନେଇ ଚିନ୍ତା ବଢୁଛି। ଏହାର ପ୍ରଭାବ ମୋ ପାଠପଢ଼ା ଉପରେ ମଧ୍ୟ ପଡୁଛି। ପ୍ରଶାସନ ଏହି ସମସ୍ୟାକୁ ଗମ୍ଭୀରତାର ସହ ନେଇ ଛାତ୍ରଛାତ୍ରୀଙ୍କ ପାଇଁ ବିକଳ୍ପ ବ୍ୟବସ୍ଥା କରିବା ଆବଶ୍ୟକ।

**-ନିକିତା ନୀଳଗିରି, ଛାତ୍ରୀ**



ସମ୍ପ୍ରତି ଅଞ୍ଚଳରେ ଏଲ୍‌ପିଜି ଗ୍ୟାସ୍ ଅଭାବ ଦେଖାଦେବାରୁ ଘରୋଇ ରନ୍ଧଣ କାମ ବାଧାପ୍ରାପ୍ତ ହେଉଥିବା ସହିତ ପରିବାରର ଦୈନିକ ଜୀବନ ପ୍ରଭାବିତ ହେଉଛି। ଗ୍ୟାସ୍ ନ ମିଳିବାରୁ ଅନେକ ଲୋକ କାଠ ଓ କୋଇଲା ବ୍ୟବହାର କରିବାକୁ ବାଧ ହେଉଛନ୍ତି, ଯାହା ପରିବେଶ ପାଇଁ କ୍ଷତିକାରକ। ଏହା ସହିତ ହୋଟେଲ, ଢାବା ଓ ଛୋଟ ଖାଦ୍ୟ ବ୍ୟବସାୟମାନେ ମଧ୍ୟ ଗଭୀର ପ୍ରଭାବିତ ହେଉଛନ୍ତି। କେତେକ ସ୍ଥାନରେ ଗ୍ୟାସ୍ ଅଭାବକୁ ନେଇ କଳା ବଜାର ବଢୁଥିବା ଅଭିଯୋଗ ମିଳୁଛି, ଯାହାରେ ସାଧାରଣ ଗ୍ରାହକମାନେ ଅଧିକ ଦାମ ଦେଇ ଗ୍ୟାସ୍ କିଣିବାକୁ ପଡୁଛି। ଶୀଘ୍ର ଏହି ସମସ୍ୟାର ସମାଧାନ କରିବାକୁ ଲୋକମାନେ ସରକାରଙ୍କୁ ଦାବି କରୁଛନ୍ତି।

**-ଦେବାଶିଷ ସାମଲ, ଛାତ୍ର**



ପ୍ରାୟ ଆଠ ଦିନ ହେଲା ଆମ ଘରେ ଗ୍ୟାସ ସିଲିଣ୍ଡର ଶେଷ ହୋଇଯାଇଛି, କିନ୍ତୁ ନୂଆ ସିଲିଣ୍ଡର ମିଳୁନାହିଁ। ଅନଲାଇନ କିମ୍ବା ଅଫଲାଇନରେ ବୁକିଂ କରିବାକୁ ଚେଷ୍ଟା କଲେ ମଧ୍ୟ ବୁକିଂ ସମ୍ଭବ ହେଉନାହିଁ। ଫଳରେ ଖାଦ୍ୟ ବ୍ୟବସ୍ଥା କରିବା ଦୁର୍ଲଭ ହୋଇପଡ଼ିଛି। ବାହାରୁ ଯେଉଁ ଖାଦ୍ୟ ପୂର୍ବରୁ ୧୦୦ ଟଙ୍କାରେ ମିଳୁଥିଲା, ବର୍ତ୍ତମାନ ସେହି ଖାଦ୍ୟ ୧୫୦ରୁ ୨୦୦ ଟଙ୍କା ପର୍ଯ୍ୟନ୍ତ ହୋଇଯାଇଛି। ମାର୍କେଟରେ ଚୋରାଭାବରେ ବିକ୍ରି ହେଉଥିବା ଗ୍ୟାସର ଦର ମଧ୍ୟ ହଠାତ୍ ବଢ଼ିଯାଇଛି। ଏହି ପରିସ୍ଥିତିରେ ସରକାର ଶୀଘ୍ର ଧ୍ୟାନ ଦେଇ ସମସ୍ୟାର ସମାଧାନ କରିବା ଆବଶ୍ୟକ, ନହେଲେ ଲୋକମାନଙ୍କ ଦୈନନ୍ଦିନ ଜୀବନ ଓ ଆର୍ଥିକ ବଜେଟ ଉପରେ ଗଭୀର ପ୍ରଭାବ ପଡ଼ିବ।

**-ଅମିତ୍ ସାମଲ, କର୍ମଜୀବୀ**



ବର୍ତ୍ତମାନ ଏଲପିଜି ଯୋଗାଣରେ ଯେଉଁ ଅବ୍ୟବସ୍ଥା ସାରା ଦେଶରେ ଦେଖାଯାଉଛି, ତାହାର ପ୍ରଭାବ ସାଧାରଣ ଲୋକଙ୍କ ସହିତ ମୋ ପରିବାର ଉପରେ ମଧ୍ୟ ପଡ଼ିଛି। ଏବେ ଏଲପିଜି ବୁକିଂର ଟାଇମ୍ ଲିମିଟ୍‌କୁ ୨୧ ଦିନରୁ ବଢ଼ାଇ ୨୫ ଦିନ କରାଯାଇଥିବାରୁ ଲୋକମାନେ ଆଗୁଆ ସିଲିଣ୍ଡର କିଣିବାକୁ ଧାଉଛନ୍ତି। ଏହାର ଫଳରେ ଅନେକ ଗ୍ୟାସ ଦୋକାନରେ ଅଭାବ ଓ ଅସୁବିଧା ଦେଖାଯାଉଛି। ଠିକ୍ ଭାବେ ସପ୍ଲାଏ ନ ହେବାରୁ ଘରେ ଗ୍ୟାସ ସରିଗଲେ ତୁରନ୍ତ ସିଲିଣ୍ଡର ମିଳୁନାହିଁ। ଦୈନିକ ରୋଷେଇ ଓ ଖାଇବା ବ୍ୟବସ୍ଥାରେ ବିଘ୍ନ ହେଉଛି।

**-ଜୟବ୍ରତ ଦାସ, ଛାତ୍ର**

## ଜ୍ୟୋତିଷ ପଟ୍ଟନାୟକଙ୍କ ପରଲୋକ



ଭୁବନେଶ୍ୱର, ୧୨।୩(ସମିସ): ଅବସରପ୍ରାପ୍ତ ଓଡ଼ିଶା ସଚିବାଳୟ ସେବା (ଓଏସ୍ଏସ୍) ଅଧିକାରୀ ଜ୍ୟୋତିଷ ଚନ୍ଦ୍ର ପଟ୍ଟନାୟକ (୮୮)ଙ୍କର ବୁଧବାର ଟଙ୍କପାଣି ରୋଡ଼ସ୍ଥିତ ବାସଭବନଠାରେ ପରଲୋକ ହୋଇଯାଇଛି। ସେ କୃଷି ବିଭାଗର ଡେପୁଟି ସେକ୍ରେଟାରୀ ପଦରୁ ୧୯୯୮ ମସିହାରେ ଅବସର ଗ୍ରହଣ କରିଥିଲେ। ଆମେରିକାରେ ରହୁଥିବା ଏକମାତ୍ର ପୁତ୍ର ତୁଷାରକାନ୍ତି ପଟ୍ଟନାୟକ ବିମାନ ଚଳାଚଳରେ ଅନିୟମିତତା ଯୋଗୁଁ ପହଞ୍ଚିପାରି ନଥିବା ବେଳେ ମୃତ୍ୟୁଶଯ୍ୟା ନିକଟରେ ତିନିଝିଅ ଓ ଜ୍ୱାଇଁ ଉପସ୍ଥିତ ଥିଲେ। ପୁରୀ ସ୍ୱର୍ଗଦ୍ୱାରଠାରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା।

## ନିହାରିକା ମହାନ୍ତିଙ୍କ ପରଲୋକ



ଭୁବନେଶ୍ୱର, ୧୨।୩ (ସମିସ): କେୟାର ଇଣ୍ଡିଆର ମୁଖ୍ୟ ପ୍ରଶାସକ ସ୍ୱର୍ଗତ ଲଲାଟେନ୍ଦୁ ମହାନ୍ତିଙ୍କ ପତ୍ନୀ ନିହାରିକା ମହାନ୍ତିଙ୍କର ବୁଧବାର ସହିଦ ନଗରସ୍ଥିତ ତାଙ୍କ ବାସଭବନରେ ଦେହାନ୍ତ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୮୧ ବର୍ଷ ବୟସ ହୋଇଥିଲା। ସ୍ୱର୍ଗତା ମହାନ୍ତି ତାଙ୍କର ସାମାଜିକ ଏବଂ ଦାନଶୀଳ କାର୍ଯ୍ୟକଳାପ ପାଇଁ ବେସ୍ ଜଣାଶୁଣା ଥିଲେ। ଏବଂ ବିଭିନ୍ନ ସାମାଜିକ ସଂଗଠନ ଏବଂ କମିଟିର ସକ୍ରିୟ ସଦସ୍ୟ ରହିଆସିଛନ୍ତି। ଏହି ଅବସରରେ ଅନେକ ବିଶିଷ୍ଟ ବ୍ୟକ୍ତି ସହିଦ ନଗର ବାସଭବନକୁ ଆସି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ସତ୍ୟନଗର ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା ବଡ଼ ପୁଅ ସୀମାନ୍ତ ମହାନ୍ତି ମୁଖାଗ୍ନି ଦେଇଥିଲେ।

## ରାଜ୍ୟ ଛତୁ ମିଶନ ଜରିଆରେ ମହିଳା ଗୋଷ୍ଠୀଙ୍କୁ ପ୍ରଶିକ୍ଷଣ



ଭୁବନେଶ୍ୱର, ୧୨।୩(ସମିସ): ଓୟୁଏଟିର ଥିବା ଛତୁ ଗବେଷଣା ପ୍ରକଳ୍ପ ଠାରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ପାଇଁ ଏକ ଦିବସୀୟ ଛତୁ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟରେ ଛତୁ ମିଶନ ଯୋଜନା ଆନୁକୂଲ୍ୟରେ କଟକସ୍ଥିତ ଉଦ୍ୟାନ କୃଷି ଉପ-ନିର୍ଦ୍ଦେଶକଙ୍କ ସୌଜନ୍ୟରୁ ବାରଙ୍ଗ, କଟକ ସଦର, ଟାଙ୍ଗି ଚୌଦ୍ୱାର, ନିଆଳି ଓ କଣ୍ଟାପଡ଼ା ପ୍ରଭୃତି ସ୍ଥାନରୁ ଆସିଥିବା ୩୨ ଜଣ କୃଷିଜିବି ମହିଳାଙ୍କ ପାଇଁ ଉଭୟ ପାଳ ଛତୁ ଓ ଢୀଙ୍ଗରି ଛତୁର ଉନ୍ନତ ଚାଷ ପ୍ରଣାଳୀ ସମ୍ପର୍କରେ ତାଲିମ ପ୍ରଦାନ କରାଯାଇଥିଲା। ଓୟୁଏଟି ଛତୁ ଗବେଷଣା ପ୍ରକଳ୍ପର ଭାରପ୍ରାପ୍ତ ଅଧିକାରୀ ଡ଼ ଅରବିନ୍ଦ ଧଳ ଓ ଡ଼ ଅନିତା ପ୍ରିୟଦର୍ଶିନୀ ବିଭିନ୍ନ ଋତୁକାଳୀନ ଛତୁ ଚାଷ ସମ୍ପର୍କରେ ତାଲିମ ଦେଇଥିଲେ। ବାରଙ୍ଗ ସ୍ଥିତ ସହ ଉଦ୍ୟାନ ଅଧିକାରୀ ପଦ୍ମିନୀ ବଳ, ଏହି ତାଲିମ କାର୍ଯ୍ୟକ୍ରମର ପରିଚାଳନା କରିଥିଲେ। ରାଜ୍ୟ ସରକାରଙ୍କର ନୂତନ ଯୋଜନା କୃଷିରେ ମହିଳା ସଶକ୍ତୀକରଣ ତଥା ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାଙ୍କୁ ଉଦ୍ୟୋଗୀକରଣ ପ୍ରୋତ୍ସାହନ ମାଧ୍ୟମରେ ଏହି ପ୍ରଶିକ୍ଷଣ ଦିଆଯାଇଥିଲା।

## ଭଗବାନପୁର ଦଶଦୋଳ ମେଳଣରେ ବିଜେ ହେବେ ୨୧ ଠାକୁର

ଭୁବନେଶ୍ୱର, ୧୨।୩(ସମିସ): ସହର ଉପକଣ୍ଠ ଭଗବାନପୁର ଗ୍ରାମର ଆରାଧ୍ୟ ଠାକୁର ଶ୍ରୀ ଶ୍ରୀ ମଦନ ମୋହନ ଦେବଙ୍କ ଐତିହାସିକ ଦଶଦୋଳ ମେଳନ ଗୁରୁବାର ଠାରୁ ପାଞ୍ଚଦିନ ବ୍ୟାପି ଅନୁଷ୍ଠିତ ହେବ। ଗୁରୁବାର ଠାକୁରମାନଙ୍କ ଜମାଣ, ଶୁକ୍ରବାର ନିମନ୍ତ୍ରିୟ ଭାଇଗ୍ରାମ ଠାକୁରମାନଙ୍କ ଆଗମନ ଓ ନାମ ସଂକୀର୍ତ୍ତନ, ଶନିବାର ହରିହର ଭେଟ, ପ୍ରସାଦ ସେବନ, ଓ ଅପେରା, ରବିବାର ଅପେରା ପ୍ରଦର୍ଶନୀ, ସୋମବାର ଅପେରା ପ୍ରଦର୍ଶନ ଓ ମେଳନ ଉଦ୍‌ଯାପନ କାର୍ଯ୍ୟକ୍ରମ ରହିଛି। ଏହି ଅବସରରେ ଦଶଦୋଳ ମେଳଣ ଟ୍ରଷ୍ଟି ସମ୍ପାଦକ କୃଷ୍ଣଚନ୍ଦ୍ର ମହାରଣା କହିଛନ୍ତି ଏହି ମେଳଣ ୨୦୧୮ ମସିହାରୁ ଆରମ୍ଭ ହୋଇଛି। ପ୍ରଥମରୁ ୧୨ଟି ଠାକୁର ଆସୁଥିଲେ। ହେଲେ କ୍ରମଶଃ ୨୧ଟି ଠାକୁର ମେଳଣ ପଡ଼ିଆକୁ ଆସୁଛନ୍ତି ବୋଲି କହିଛନ୍ତି। ସେ ଆହୁରି ମଧ୍ୟ କୁହନ୍ତି ଏହି ମେଳଣର ମୁଖ୍ୟ ଦିନ ହେଉଛି ହରିହର ଭେଟ। ଭଗବାନପୁର ଗ୍ରାମର ଠାକୁରଙ୍କ ସହିତ ତମାଣ୍ଡୋ ଠାକୁରଙ୍କର ଭେଟ ହେବ। ଏହି ଦଶଦୋଳ ମେଳଣ ପର୍ବରେ ବିଜେ ଠାକୁରଙ୍କର ଦର୍ଶନ କରିବା ସହ ଉଦ୍ୟୋକ୍ତବୃନ୍ଦ ତଥା ଗ୍ରାମବାସୀଙ୍କୁ ଉତ୍ସାହିତ କରିବା ପାଇଁ ଜନସାଧାରଣଙ୍କୁ ଟ୍ରଷ୍ଟ ପକ୍ଷରୁ ନିବେଦନ କରାଯାଇଛି।

## ସମ୍ ହସ୍ପିଟାଲ୍ ପକ୍ଷରୁ ବିଶ୍ୱ କିଡ୍‌ନୀ ଦିବସ




ଭୁବନେଶ୍ୱର, ୧୨।୩(ସମିସ): ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍‌ସେସ୍ ଆଣ୍ଡ ସମ ହସ୍ପିଟାଲ୍ ପକ୍ଷରୁ ଗୁରୁବାର ବିଶ୍ୱ କିଡ୍‌ନୀ ଦିବସ ପାଳିତ ହୋଇଯାଇଛି। ଚଳିତ ବର୍ଷର ପ୍ରସଙ୍ଗ 'କିଡନୀ ହେଲ୍‌ଥ ଫର୍ ଅଲ-କେୟାରିଂ ଫର ପିପୁଲ ପ୍ରୋଟେକ୍ଟସ ଦ ପ୍ଲାନେଟ' ରହିଛି। ପରିବେଶ କିପରି କିଡନୀ ଉପରେ ପ୍ରଭାବ ପକାଉଛି ଓ କିଡନୀ ରୋଗର ଚିକିତ୍ସା କିପରି ପରିବେଶକୁ ଦୂଷିତ କରୁଛି ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମରେ ଆଇଏମ୍‌ଏସ୍ ଆଣ୍ଡ ସମ ହସ୍ପିଟାଲ୍‌ର ଡିନ୍ ପ୍ରଫେସର ଡ. ସଂଘମିତ୍ରା ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଆଇଏମ୍‌ଏସ୍ ଆଣ୍ଡ ସମ୍ ହସ୍ପିଟାଲ୍‌ର ମେଡିକାଲ୍ ସୁପରିନଟେଣ୍ଡେଣ୍ଟ୍ ପ୍ରଫେସର ପୁଷ୍ପରାଜ ସାମନ୍ତସିଂହାର, ୟୁରୋଲୋଜି ବିଭାଗର ପ୍ରଫେସର ଡ. ଦେବବ୍ରତ ସାବତ, ନେଫ୍ରୋଲୋଜି ବିଭାଗର ମୁଖ୍ୟ ପ୍ରଫେସର ଡ. ବିଶ୍ୱରଞ୍ଜନ ମହାନ୍ତି ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ଡ. ଅମୃତା ଦେବୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଉପଲକ୍ଷେ ସଚେତନତା ରାଲି ଅନୁଷ୍ଠିତ ହୋଇଥିଲା।

## ଆପୋଲୋ ହସ୍ପିଟାଲରେ ବିଶ୍ୱ କିଡନୀ ଦିବସ




ଭୁବନେଶ୍ୱର, ୧୨।୩(ସମିସ): ଭୁବନେଶ୍ୱରର ଆପୋଲୋ ହସ୍ପିଟାଲ୍ସ କିଡ୍‌ନୀ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଆପୋଲୋ ହସ୍ପିଟାଲର ମୁଖ୍ୟ ପରିଚାଳନା ଅଧିକାରୀ ଡ. ଆଲୋକ ଶ୍ରୀବାସ୍ତବ, ନେଫ୍ରୋଲୋଜିର ମୁଖ୍ୟ ପରାମର୍ଶଦାତା ଏବଂ ନିର୍ଦ୍ଦେଶକ ଡ଼. ନିସିଥ କୁମାର ମହାନ୍ତି, ପରାମର୍ଶଦାତା ନେଫ୍ରୋଲୋଜିଷ୍ଟ ଡ. ପୂର୍ଣ୍ଣଚନ୍ଦ୍ର କର, ପରାମର୍ଶଦାତା ନେଫ୍ରୋଲୋଜିଷ୍ଟ ଡ଼. କୁମାର ଅଭିଜିତ ଦାଶ ଯୋଗ ଦେଇ ବୃକକ୍ ସ୍ୱାସ୍ଥ୍ୟ ବିଷୟରେ ଜନସଚେତନତା, ନିୟମିତ ସ୍କ୍ରିନିଂ ଏବଂ ବିଶେଷଜ୍ଞଙ୍କ ସହିତ ସମୟୋଚିତ ପରାମର୍ଶ ଗମ୍ଭୀର ଜଟିଳତାକୁ ରୋକିବା ଏବଂ ଜୀବନର ଗୁଣବତ୍ତା ଉନ୍ନତ କରିବାରେ ସାହାଯ୍ୟ କରିପାରିବ ବୋଲି ସେ କହିଛନ୍ତି।

## ଶିକ୍ଷାବିତ ଉତ୍କଳ ରତ୍ନ ଶତ୍ରୁଘ୍ନନାଥଙ୍କ ଶ୍ରାଦ୍ଧ ଦିବସ



ଭୁବନେଶ୍ୱର, ୧୨।୩(ସମିସ): ସହିଦ ନଗର ଶିକ୍ଷାବିତ ପ୍ରଫେସର ଶତ୍ରୁଘ୍ନ ନାଥ ମାର୍ଗସ୍ଥିତ ପ୍ରତିମୂର୍ତ୍ତି ନିକଟରେ ପ୍ରଫେସର ଶତ୍ରୁଘ୍ନ ନାଥ ୨୦ ତମ ଶ୍ରାଦ୍ଧ ଦିବସ ପାଳିତ ହୋଇ ଯାଇଛି। ଏହି ପୂଜ୍ୟପୂଜା ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନର ପୁରାତନ ଛାତ୍ର ସଂସଦ, ଆମେ ଭୁବନେଶ୍ୱର ପାଇଁ, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ସଦସ୍ୟମାନେ ଉପସ୍ଥିତ ଥିଲେ। ଏହି ଅବସରରେ ପୂର୍ବତନ କର୍ପୋରେଟର ପଦ୍ମନାଭ ଦାଶ ଏବଂ ଉମା ନାଥ ମିଶ୍ର ସ୍ମୃତିଚାରଣ କରିଥିଲେ। ନିକଟସ୍ଥ ପାର୍କ ଉତ୍କଳ ରତ୍ନ ପ୍ରଫେସର ଶତ୍ରୁଘ୍ନ ନାଥଙ୍କ ନାମରେ ନାମକରଣ କରିବା ନିମନ୍ତେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଲକ୍ଷ୍ମୀଧର ବେହେରା, ପୁରାତନ ଛାତ୍ର ସଂସଦ ସମ୍ପାଦକ ରମେଶ ଚନ୍ଦ୍ର ପାତାଳସିଂହ, 'ଆମେ ଭୁବନେଶ୍ୱର ସମାଜ ସେବା' ଅନୁଷ୍ଠାନର ସଦସ୍ୟ ପୂର୍ବତନ କର୍ପୋରେଟର ନରେନ ସାହୁ, ଦୁଃଶାସନ ମଝି, ଗୁରୁ ଚରଣ ସାହୁ, ଓ ବିଜୟ ବାବୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। କୂଳବଧୂ ସୁଶ୍ରୀ ଗୀତା ନାଥ ଓ ସୋନି କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ। ଅମିତ ରଞ୍ଜନ ପାତାଳସିଂହ ଧନ୍ୟବାଦ ଅର୍ପଣ କରିଥିଲେ।




।କର୍ସ କ ବ ଚେ ମି ି ନେସ ଜିକ୍ଷା ।କର୍ସ କ ବଙ୍କ୍ଷନ୍ୟରେ
।ନୀୟ ।ର୍କରେ ରା ମହିଳା ଦିବସ ।ଳିତ ହୋ ।

## 'ମା ମାଟି ଓ ମାତୃଭାଷା' ଶୀର୍ଷକ ଆଲୋଚନାଚକ୍ର



ଭୁବନେଶ୍ୱର, ୧୨।୩(ସମିସ): ଝୁମୁକା ଫାଉଣ୍ଡେସନ ଟ୍ରଷ୍ଟ ଓ ଓଡ଼ିଶା ସାହିତ୍ୟ ଏକାଡେମୀର ମିଳିତ ଆନୁକୂଲ୍ୟରେ ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ 'ମା ମାଟି ଓ ମାତୃଭାଷା' ଶୀର୍ଷକ ଏକ ରାଜ୍ୟସ୍ତରୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଡ. ନରେନ୍ଦ୍ର ପ୍ରସାଦ ଦାସଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଆଲୋଚନାଚକ୍ରରେ ମୁଖ୍ୟଅତିଥି ଭାବେ ଅଧ୍ୟାପକ ବିଶ୍ୱରଞ୍ଜନ ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ କଥାକାର ଗୌରହରି ଦାସ, ସମ୍ମାନନୀୟ ବକ୍ତା ତଥା ପ୍ରଫେସର ମଣୀନ୍ଦ୍ର ମେହେର, ଅନ୍ୟତମ ବକ୍ତା ଗାଳ୍ପିକା ଚିରଶ୍ରୀ ଇନ୍ଦ୍ର ସିଂ, ଓଡ଼ିଶା ସାହିତ୍ୟ ଏକାଡେମୀ ସହ ସଚିବ ସଞ୍ଜୟ ଛୁଆଳସିଂ, ଝୁମୁକା ସମ୍ପାଦକ ମାନସ ରଞ୍ଜନ ସାମଲ ପ୍ରମୁଖ ନିଜ ନିଜର ମତ ଉପସ୍ଥାପନା କରିଥିଲେ। ସୁଜାତା ଦାସ କାର୍ଯ୍ୟକ୍ରମ ସଂଯୋଜନା କରିବା ସହିତ ଶ୍ରୁତକୀର୍ତ୍ତି ତ୍ରିପାଠୀ ଧନ୍ୟବାଦ ଦେଇଥିଲେ।

| ମୁଦ୍ରା ବିନିମୟ ମୂଲ୍ୟ | ସୁନା, ରୁପା ଦର (ଟଙ୍କାରେ) | ଷ୍ଟକ୍ ମାର୍କେଟ୍ | ପେଟ୍ରୋଲ-ଡିଜେଲ୍ |
|---|---|---|---|
| ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ) | ୧୦ ଗ୍ରାମ ପିଛା (୨୨ କ୍ୟାରେଟ୍) | ବଜାର କାରବାର (ପଏଣ୍ଟରେ) | ଲିଟର ପିଛା (ଟଙ୍କାରେ) |
| ● ଡଲାର ୯୨.୦୪ ● ପାଉଣ୍ଡ ୧୨୩.୬୦ | ● ସୁନା: ୧,୪୯,୮୬୦ (ନୂଆଦିଲ୍ଲୀ) | ● ସେନ୍‌ସେକ୍ସ ୭୬,୦୩୪.୦୦ | ● ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର) |
| ● ୟୁରୋ ୧୦୬.୬୬ ● ୟେନ୍ ୦.୫୮ | ● ରୁପା : ୨,୮୦,୦୦୦ (କେଜି) | ● ନିଫ୍ଟି ୨୩,୬୩୯.୦୦ | ● ଡିଜେଲ୍ - ୯୨.୮୦ |







# ରାଜ୍ୟରେ ଗ୍ୟାସ୍ ସଙ୍କଟ ଉତ୍କଟ

## ବଢ଼ିଲା କଳାବଜାରୀ

## ୯୪୦ ଟଙ୍କାର ସିଲିଣ୍ଡର ୨୫୦୦ରେ ବିକ୍ରି

## ବାଣିଜ୍ୟିକ ସିଲିଣ୍ଡର ପାଇଁ ୪ ହଜାର ଅସୁଲ୍

■ ନୂଆଦିଲ୍ଲୀ/ଭୁବନେଶ୍ୱର, ୧୨।୩ (ଏଜେନ୍ସି): ଇରାନ ଯୁଦ୍ଧ ସାରା ବିଶ୍ୱରେ ଶକ୍ତି ସଙ୍କଟ ସୃଷ୍ଟି କରିଛି। ଯାହାଫଳରେ ଭାରତରେ ବର୍ତ୍ତମାନ ରନ୍ଧନ ଗ୍ୟାସ୍‌ର ଅଭାବ ଦେଖାଦେଇଛି। ଦେଶରେ ରନ୍ଧନ ଗ୍ୟାସ୍‌କୁ ନେଇ ଲୋକଙ୍କ ମଧ୍ୟରେ ଭାଳେଣି ପଡିଯାଇଛି। ଚାରିଆଡେ ଗ୍ୟାସ୍ ଏଜେନ୍ସି ବାହାରେ ଗ୍ରାହକଙ୍କ ଲମ୍ବା ଧାଡ଼ି ଲାଗିରହିଛି।। ଗ୍ରାହକଙ୍କୁ ଠିକ୍ ସମୟରେ ରନ୍ଧନ ଗ୍ୟାସ୍ ନ ମିଳିବା ଯୋଗୁ ଏଲ୍‌ପିଜି ସିଲିଣ୍ଡରରର କଳାବଜାରି ବଢ଼ିଯାଇଛି। ଏଭଳି ପରିସ୍ଥିତିର ଲାଭ ଉଠାଉଛନ୍ତି ମହଜୁଦକାରୀ ଓ ମୁନାଫାଖୋର ବ୍ୟବସାୟୀ। ଘରୋଇ ସହ ବାଣିଜ୍ୟିକ ସିଲିଣ୍ଡର ଦର ଖୋଲା ବଜାରରେ କାହିଁ କେତେ ଉପରେ ବିକ୍ରି ହେଉଛି। ଦେଶର ଅନେକ ସହରରେ ୧୦୦୦ ଟଙ୍କା ମଧ୍ୟରେ ରହିଥିବା ୧୪.୨ କିଲୋଗ୍ରାମ ବିଶିଷ୍ଟ ଘରୋଇ ଏଲ୍‌ପିଜି ସିଲିଣ୍ଡର ୨୫୦୦ ଟଙ୍କାରେ ବିକ୍ରି କରାଯାଉଛି। ସେହିପରି ୨୦୦୦ ମୂଲ୍ୟର ଏକ ବାଣିଜ୍ୟିକ ସିଲିଣ୍ଡର କଳାବଜାରି ହୋଇ ୪୦୦୦ ଟଙ୍କାରେ ବିକ୍ରି କରାଯାଉଛି।

ବିଶେଷକରି ଏଲ୍‌ପିଜି ସିଲିଣ୍ଡରର ଅଭାବ ଯୋଗୁ ଯୋଗାଣ ସମସ୍ୟା ଉପୁଜିଛି। ନୂଆ ସିଲିଣ୍ଡର ଟିଏ ବୁକିଂ କରିବାକୁ ଗ୍ରାହକ ନାକେଦମ୍ ହୋଇପଡୁଛନ୍ତି। କାରଣ ଅଧିକାଂଶ ସ୍ଥାନରେ ନୂଆ ଏଲ୍‌ପିଜି ସିଲିଣ୍ଡର ବୁକିଂ ହୋଇପାରୁନାହିଁ। କେଉଁଠି ପୋଲିସ ସୁରକ୍ଷାରେ ସିଲିଣ୍ଡର ଆବଣ୍ଟନ କରାଯାଉଛି ତ କିଛି ରାଜ୍ୟରେ ବାଣିଜ୍ୟିକ ଗ୍ୟାସ ସିଲିଣ୍ଡର ଯୋଗାଣ ବନ୍ଦ କରିଦେଇଛନ୍ତି, ଯାହା ଫଳରେ ହୋଟେଲ ଏବଂ ରେସ୍ତୋରାଁଗୁଡିକ ବନ୍ଦ କରାଯାଇଛି। ଏଭଳି ସ୍ଥିତିରେ ବୁକିଂର ଅଢ଼େଇ ଦିନ ମଧ୍ୟରେ ଗ୍ରାହକଙ୍କୁ ଗ୍ୟାସ୍ ଯୋଗାଇଦେବାକୁ କେନ୍ଦ୍ର ସରକାର ଘୋଷଣା କରିବା ଏକ ପ୍ରହସନ ପାଲଟିଛି। ଯଦିବା ରନ୍ଧନ ଗ୍ୟାସ୍‌ର କଳାବଜାରି ରୋକିବା ପାଇଁ ସରକାର ଅତ୍ୟାବଶ୍ୟକ ସାମଗ୍ରୀ ଆଇନ 'ଏସ୍‌ମା' ଲାଗୁ କରିଛନ୍ତି, କିନ୍ତୁ କଳାବଜାରକାରୀଙ୍କ ଉପରେ ଏହାର କୌଣସି ପ୍ରଭାବ ପଡ଼ିନାହିଁ।

ହେଲେ ଠିକ୍ ଏହି ସମୟରେ ବଜାରରେ ଇଣ୍ଡକ୍ସନ୍ ଚୁଲିର ଚାହିଦା ଢ଼େର ବଢ଼ିଯାଇଛି। ବାଣିଜ୍ୟିକ ଗ୍ୟାସ୍ ସିଲିଣ୍ଡର ଯୋଗାଣ ବନ୍ଦ ହେବା ଯୋଗୁଁ ହୋଟେଲ ଏବଂ ରେସ୍ତୋରାଁଗୁଡ଼ିକ ଇଣ୍ଡକ୍ସନ୍ ରେ ରୋଷେଇ କରିବାକୁ ଆରମ୍ଭ କରିଛନ୍ତି। ଏହା ବଜାରରେ ଇଣ୍ଡକ୍ସନ୍ ଚାହିଦା ବଢ଼ାଇଦେଇଛି। ଯାହାଫଳରେ ଇଣ୍ଡକ୍ସନ୍ ବିକ୍ରି ୫୦% ବଢ଼ିଯାଇଛି।



## ଗାଁରେ ବୁକିଂ ଅବଧି ୪୫ ଦିନ

■ ନୂଆଦିଲ୍ଲୀ, ୧୨।୩ (ଏଜେନ୍ସି): ମଧ୍ୟ ପ୍ରାଚ୍ୟ ଅସ୍ଥିରତା ମଧ୍ୟରେ ରନ୍ଧନ ଗ୍ୟାସ୍ ଯୋଗାଣ ଜନିତ ସମସ୍ୟାକୁ ନଜରରେ କେନ୍ଦ୍ର ସରକାର ରନ୍ଧନ ଗ୍ୟାସ୍ ଯୋଗାଣ ସ୍ୱାଭାବିକ ରଖିବା ପାଇଁ ସରକାର ଏଲପିଜି ସିଲିଣ୍ଡର ବୁକିଂ ନିୟମରେ ବଡ଼ ପରିବର୍ତ୍ତନ କରିଛନ୍ତି। ଗ୍ରାମାଞ୍ଚଳ କ୍ଷେତ୍ରରେ ଏଲ୍‌ପିଜି ସିଲିଣ୍ଡର ପାଇଁ ବୁକିଂ ଅବଧି ୪୫ ଦିନକୁ ବୃଦ୍ଧି କରାଯାଇଛି। ଅର୍ଥାତ୍ ଗ୍ରାହକ ଗୋଟିଏ ସିଲିଣ୍ଡର ଡେଲିଭରୀ ହେବାର ୪୫ ଦିନ ପରେ ଆଉ ଏକ ସିଲିଣ୍ଡର ବୁକିଂ କରିପାରିବେ। ପୂର୍ବରୁ ଗ୍ରାମାଞ୍ଚଳ ପାଇଁ ଏଲ୍‌ପିଜି ସିଲିଣ୍ଡର ବୁକିଂ ଅବଧି ୨୫ ଦିନ ରହିଥିଲା। ଏଠାରେ ସୂଚନାଯୋଗ୍ୟ ଯେ, ନିକଟରେ ସରକାର ସହରାଞ୍ଚଳରେ ଏଲ୍‌ପିଜି ସିଲିଣ୍ଡର ପାଇଁ ବୁକିଂ ଅବଧି ୨୧ ଦିନରୁ ୨୫ ଦିନକୁ ବୃଦ୍ଧି କରିଥିଲେ। ସଂସଦରେ କେନ୍ଦ୍ର ପେଟ୍ରୋଲିୟମ୍ ମନ୍ତ୍ରୀ ହରଦୀପ ସିଂହ ପୁରୀ ଏହି ସୂଚନା ଦେଇଛନ୍ତି। ଏହାର ଆଉ ଏକ ଅର୍ଥ ହେଉଛି ସିଲିଣ୍ଡର ବୁକିଂ ମଧ୍ୟରେ ସର୍ବନିମ୍ନ ୪୫ ଦିନର ବ୍ୟବଧାନ ଆବଶ୍ୟକ। ହେବ।

# ଭାରତ ଉପରେ ପୁଣି ଟାରିଫ୍ ଲଗାଇବେ ଟ୍ରମ୍ପ୍

## ଅନୁଚିତ ବାଣିଜ୍ୟ ଅଭ୍ୟାସରେ ଲିପ୍ତ ଥିବା ଅଭିଯୋଗ

ନୂଆଦିଲ୍ଲୀ,୧୨।୩(ଏଜେନ୍ସି): ବାରମ୍ବାର ଟାରିଫ୍ ଧମକ ଦେଉଥିବା ଡୋନାଲ୍ଡ ଟ୍ରମ୍ପ୍ ପୁଣି ଥରେ ଶୁଳ୍କ ଲଗାଇବା କଥା ଦୋହରାଇଛନ୍ତି। ଟ୍ରମ୍ପ୍ ପ୍ରଶାସନ ଭାରତ ଏବଂ ଚୀନ୍ ସମେତ ଏହାର ୧୬ ପ୍ରମୁଖ ବାଣିଜ୍ୟିକ ଅଂଶୀଦାରଙ୍କ ବିରୁଦ୍ଧରେ ଧାରା ୩୦୧ ଅନୁଯାୟୀ ନୂତନ ତଦନ୍ତ ଆରମ୍ଭ କରିଛି। ଧାରା ୩୦୧ ଆମେରିକାକୁ ଏକପାଖିଆ ଭାବରେ ଏହାର କମ୍ପାନୀଗୁଡ଼ିକୁ କ୍ଷତି ପହଞ୍ଚାଉଥିବା ଦେଶଗୁଡ଼ିକ ଉପରେ ଟିକସ ବୃଦ୍ଧି କରିବାର କ୍ଷମତା ଦେଇଥାଏ। ଗତ ମାସରେ ଆମେରିକାର ସୁପ୍ରିମକୋର୍ଟ ରାଷ୍ଟ୍ରପତି ଟ୍ରମ୍ପଙ୍କ ଟାରିଫ୍‌କୁ ଅବୈଧ ଘୋଷଣା କରିବା ପରେ ପ୍ରଶାସନ ଏବେ ନୂତନ ଆଇନଗତ ଉପାୟରେ ଶୁଳ୍କ ଚାପ ପୁନଃ ଲାଗୁ କରିବାକୁ ପ୍ରସ୍ତୁତ ହେଉଛି। ଆମେରିକାର ବାଣିଜ୍ୟ ପ୍ରତିନିଧି (ୟୁଏସ୍‌ଟିଆର୍) ଜେମସନ ଗ୍ରୀୟରଙ୍କ ଅନୁଯାୟୀ, ଏହି ତଦନ୍ତ ଫଳରେ ଏହି ଗ୍ରୀଷ୍ମ ସୁଦ୍ଧା ଭାରତ, ଚୀନ୍, ୟୁରୋପୀୟ ସଂଘ ଏବଂ ମେକ୍ସିକୋ ଭଳି ଦେଶଗୁଡ଼ିକ ଉପରେ ନୂତନ ଶୁଳ୍କ ଲାଗୁ କରିପାରେ।

ଟ୍ରମ୍ପ ପ୍ରଶାସନ ଯେଉଁ ୧୬ ବାଣିଜ୍ୟିକ ଅଂଶୀଦାରଙ୍କ ବିରୁଦ୍ଧରେ ତଦନ୍ତ ଆରମ୍ଭ କରି ସେଥିରେ ଭାରତ, ଚୀନ୍, ୟୁରୋପୀୟ ସଂଘ (ଇୟୁ), ଜାପାନ, ଦକ୍ଷିଣ କୋରିଆ, ମେକ୍ସିକୋ, ଭିଏତନାମ, ତାଇୱାନ, ଥାଇଲ୍ୟାଣ୍ଡ, ମାଲେସିଆ, କାମ୍ବୋଡିଆ, ସିଙ୍ଗାପୁର, ଇଣ୍ଡୋନେସିଆ, ବାଂଲାଦେଶ, ସ୍ୱିଜରଲ୍ୟାଣ୍ଡ ଏବଂ ନରୱେ ଅନ୍ତର୍ଭୁକ୍ତ। ଟ୍ରମ୍ପ ପ୍ରଶାସନ ସେହି ଦେଶଗୁଡ଼ିକ ବିରୁଦ୍ଧରେ ତଦନ୍ତ କରୁଛି, ଯେଉଁମାନେ ସେମାନଙ୍କର ଆବଶ୍ୟକତାଠାରୁ ଅଧିକ ସାମଗ୍ରୀ ଉତ୍ପାଦନ କରୁଛନ୍ତି ଏବଂ ବିକ୍ରି ନ ହୋଇ ଶସ୍ତା ମୂଲ୍ୟରେ ସେଗୁଡ଼ିକୁ ଆମେରିକୀୟ ବଜାରକୁ ଛାଡୁଛନ୍ତି। ଆମେରିକା ଦେଖିବାକୁ ଚାହୁଁଛି ଯେ ଏହି ଦେଶଗୁଡ଼ିକ ଜାଣିଶୁଣି ସେମାନଙ୍କର ଅତିରିକ୍ତ କ୍ଷମତା ବ୍ୟବହାର କରି ଆମେରିକୀୟ କମ୍ପାନୀ ଏବଂ ଉତ୍ପାଦନ କ୍ଷେତ୍ରକୁ କ୍ଷତି ପହଞ୍ଚାଉଛନ୍ତି କି ନାହିଁ। ଉଦାହରଣ ସ୍ୱରୂପ କୌଣସି ଦେଶରେ ଏକ ଜୋତା କାରଖାନା ଅଛି, ଯାହା ପ୍ରତିବର୍ଷ ୧୦୦ଟି ଜୋତା ଉତ୍ପାଦନ କରିପାରିବ। କିନ୍ତୁ ସେହି ଦେଶର ଲୋକମାନଙ୍କୁ କେବଳ ୨୦ଟି ଯୋତା ଆବଶ୍ୟକ। କାରଖାନାକୁ ବନ୍ଦ ହେବାରୁ ରୋକିବା ପାଇ, ସରକାର କମ୍ପାନୀକୁ ସମ୍ପୂର୍ଣ୍ଣ ୧୦୦ଟି ଜୋତା ଉତ୍ପାଦନ କରିବା ନିଶ୍ଚିତ କରିବା ପାଇଁ ସବ୍‌ସିଡି କିମ୍ବା ସହାୟତା ପ୍ରଦାନ କରନ୍ତି। ତା'ପରେ ଅନ୍ୟ ଦେଶର ବଜାରକୁ ବହୁତ କମ୍ ମୂଲ୍ୟରେ ବାକି ୮୦ଟି ଜୋତା ବିକ୍ରି କରିଥାନ୍ତି। ଏହା ନିଜ କମ୍ପାନୀଗୁଡ଼ିକୁ କ୍ଷତି ପହଞ୍ଚାଏ, କାରଣ ସେମାନେ ଏତେ କମ୍ ମୂଲ୍ୟ ସହିତ ପ୍ରତିଯୋଗିତା କରିପାରନ୍ତି ନାହିଁ। ଆମେରିକା ଏହି ଅଧିକ ଉତ୍ପାଦନର ତଦନ୍ତ କରୁଛି।

### ଟାରିଫ ତାଲିକାରେ ଚୀନ୍ ଏବଂ ବାଂଲାଦେଶ

## ଶକ୍ତି ସଙ୍କଟ ଟାଳିବାକୁ ଆଇଇଏ ୩୨ ସଦସ୍ୟ ଦେଶଙ୍କ ନିଷ୍ପତ୍ତି

# ଛାଡ଼ିବେ ୪୦ କୋଟି ବ୍ୟାରେଲ ତେଲ

ନୂଆଦିଲ୍ଲୀ,୧୨।୩(ଏଜେନ୍ସି): ପଶ୍ଚିମ ଏସିଆରେ ଚାଲିଥିବା ସଙ୍କଟ ମଧ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ଅନ୍ତର୍ଜାତୀୟ ଶକ୍ତି ଏଜେନ୍ସି (ଆଇଇଏ) ବୁଧବାର ବିଶ୍ୱ ତୈଳ ବଜାରରେ ଯୋଗାଣ ବାଧାକୁ ସମାଧାନ କରିବା ପାଇଁ ୩୨ ସଦସ୍ୟ ଦେଶର ଜରୁରୀକାଳୀନ ଭଣ୍ଡାରରୁ ୪୦ କୋଟି ବ୍ୟାରେଲ ତେଲ ଛାଡିବାକୁ ଘୋଷଣା କରିଛି। ପ୍ରତ୍ୟେକ ସଦସ୍ୟ ଦେଶର ପରିସ୍ଥିତି ଦ୍ୱାରା ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଏହି ଜରୁରୀକାଳୀନ ସଂରକ୍ଷିତ ତୈଳ ବଜାରକୁ ଉପଲବ୍ଧ କରାଯିବ। ଏହା ସହିତ, କିଛି ଦେଶ ଏହି ପଦକ୍ଷେପ ସହିତ ଅତିରିକ୍ତ ଜରୁରୀକାଳୀନ ପଦକ୍ଷେପ କାର୍ଯ୍ୟକାରୀ କରିବେ। ବିଶ୍ୱ ତୈଳ ମୂଲ୍ୟ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରିବା ପାଇଁ ଜରୁରୀକାଳୀନ ତୈଳ ସଂରକ୍ଷଣ ମୁକ୍ତ କରିବା ପାଇଁ ଅନ୍ତର୍ଜାତୀୟ ଶକ୍ତି ଏଜେନ୍ସି (IEA) ନିଷ୍ପତ୍ତିକୁ ଭାରତ ବୁଧବାର ସ୍ୱାଗତ କରିଛି। ଭାରତ ସରକାରଙ୍କ ପକ୍ଷରୁ ଜାରି ଏକ ସରକାରୀ ବିବୃତ୍ତି ଅନୁଯାୟୀ, ସରକାର ବିଶ୍ୱ ଶକ୍ତି ବଜାରର ପରିସ୍ଥିତି, ବିଶେଷକରି ପଶ୍ଚିମ ଏସିଆର ବିକାଶ ଉପରେ କଡ଼ା ନଜର ରଖିଛି। ଅଧିକାରୀ କହିଛନ୍ତି ଯେ ଆଇଇଏର ପ୍ରୟାସ ସହିତ ବିଶ୍ୱ ବଜାର ସ୍ଥିରତା ବଜାୟ ରଖିବା ପାଇଁ ଆବଶ୍ୟକୀୟ ପଦକ୍ଷେପ ନେବାକୁ ଭାରତ ପ୍ରସ୍ତୁତ। ଭାରତ ଆଇଇଏର ଏକ ସହଯୋଗୀ ସଦସ୍ୟ ଏବଂ ଅନ୍ତର୍ଜାତୀୟ ଶକ୍ତି ସହଯୋଗରେ ସକ୍ରିୟ ଭାବରେ ଅଂଶଗ୍ରହଣ କରେ। ପଶ୍ଚିମ ଏସିଆ ସଙ୍କଟ ମଧ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତିରେ, ଆଇଇଏ ସଦସ୍ୟ ଦେଶଗୁଡ଼ିକ ବୁଧବାର ତୈଳ ବଜାରରେ ବାଧା ସୃଷ୍ଟି କରିବା ପାଇଁ ଉପଯୁକ୍ତ ପଦକ୍ଷେପ ନେବାକୁ ରାଜି ହୋଇଛନ୍ତି।

ସୂଚନାଯୋଗ୍ୟ ଯେ, ଆଇଇଏ ସଦସ୍ୟ ଦେଶମାନଙ୍କ ପାଖରେ ୧.୨ ବିଲିୟନ ବ୍ୟାରେଲରୁ ଅଧିକ ଜରୁରୀକାଳୀନ ତୈଳ ସଂରକ୍ଷିତ ଅଛି। ଯେତେବେଳେ ସରକାରଙ୍କ ପାଖରେ ଅତିରିକ୍ତ ପ୍ରାୟ ୬୦୦ ନିୟୁତ ବ୍ୟାରେଲ ଶିଳ୍ପ ତୈଳ ସଂରକ୍ଷଣ ଅଛି। ଆଇଇଏ ଇତିହାସରେ ଏହା ଷଷ୍ଠ ଥର ଯେବେ ସଦସ୍ୟ ଦେଶମାନେ ମିଳିତ ଭାବରେ ସଂରକ୍ଷିତ ତୈଳ ମୁକ୍ତ କରିବାକୁ ନିଷ୍ପତ୍ତି ନେଇଛନ୍ତି। ପୂର୍ବରୁ, ୧୯୯୧, ୨୦୦୫, ୨୦୧୧ ଏବଂ ୨୦୨୨ରେ ଦୁଇଥର ଏପରି ପଦକ୍ଷେପ ନିଆଯାଇଥିଲା। ଆଇଇଏ ଅନୁଯାୟୀ, ଏଜେନ୍ସିର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକଙ୍କ ଦ୍ୱାରା ଡକାଯାଇଥିବା ସଦସ୍ୟ ଦେଶଗୁଡ଼ିକର ଏକ ଜରୁରୀକାଳୀନ ବୈଠକ ପରେ ଏହି ନିଷ୍ପତ୍ତି ନିଆଯାଇଥିଲା। ବୈଠକରେ ମଧ୍ୟପ୍ରାଚ୍ୟରେ ଚାଲିଥିବା ସଂଘର୍ଷ ଯୋଗୁଁ ତୈଳ ବଜାର ପରିସ୍ଥିତିର ମୂଲ୍ୟାଙ୍କନ କରାଯାଇଥିଲା ଏବଂ ଯୋଗାଣ ବାଧା ସମାଧାନ ପାଇଁ ବିକଳ୍ପଗୁଡ଼ିକ ଉପରେ ଆଲୋଚନା କରାଯାଇଥିଲା।



## ରୁଷଠୁ ୩ କୋଟି ବ୍ୟାରେଲ ତେଲ କିଣିବ ଭାରତ

ନୂଆଦିଲ୍ଲୀ,୧୨।୩(ଏଜେନ୍ସି): ଇରାନ ଇସ୍ରାଏଲ ମଧ୍ୟରେ ଚାଲିଥବା ଯୁଦ୍ଧ ମଧ୍ୟରେ ହର୍ମୁଜ ଜଳପଥ ବନ୍ଦ ହୋଇଯାଇଛି। ଏଭଳି ସ୍ଥିତିରେ ଅଶୋଧିତ ତୈଳ ଯୋଗାଣ ବାଧାପ୍ରାପ୍ତ ହେବା ପରେ ଭାରତ ଏବେ ରୁଷ ତେଲ ପାଇଁ ଅଣ୍ଟା ଭିଡ଼ିଛି। ଆମେରିକା ମଧ୍ୟ ରୁଷ ତେଲ କିଣିବା ପାଇଁ ଭାରତକୁ ଏପ୍ରିଲ ୩ ପର୍ଯ୍ୟନ୍ତ ଛାଡ଼ ପ୍ରଦାନ କରିଛି। ତେଣୁ ଭାରତ ପ୍ରାୟ ୩ କୋଟି ବ୍ୟାରେଲ ରୁଷ ତେଲ କ୍ରୟ କରିଥିବା ବ୍ଲୁମବର୍ଗ ପକ୍ଷରୁ ଜାରି ଏକ ରିପୋର୍ଟରୁ ଜଣାପଡ଼ିଛି। ନିକଟରେ ଏସୀୟ ସମୁଦ୍ରରେ ଫସି ରହିଥିବା ରୁଷ ତେଲ ବୋଝେଇ ଜାହାଜଗୁଡ଼ିକରୁ ଅଶୋଧିତ ତୈଳ କିଣିବା ପାଇଁ ଆମେରିକା ଭାରତକୁ ୩୦ ଦିନର ଛାଡ଼ ପ୍ରଦାନ କରିଥିଲା। ରିପୋର୍ଟ ଅନୁସାରେ, ଆମେରିକାର ଛାଡ଼ ପରେ ଭାରତୀୟ ତୈଳ ନିଗମ(ଆଇଓସି) ଏବଂ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ସମେତ ଅନ୍ୟାନ୍ୟ ଭାରତୀୟ ବିଶୋଧନକାରୀମାନେ ସ୍ପଟ୍ ବଜାରରେ ଉପଲବ୍ଧ ସମସ୍ତ ରୁଷ ତେଲ କିଣିନେଇଛନ୍ତି। ରିପୋର୍ଟ ଅନୁସାରେ, ଇରାନ ଉପରେ ଆମେରିକା ଏବଂ ଇସ୍ରାଏଲର ହମ୍ଲା ପରେ ହୋର୍ମୁଜ ଜଳପଥକୁ ବନ୍ଦ କରିଦେଇଛି ଇରାନ। ଫଳରେ ଏହି ବାଟ ଦେଇ ହେଉଥିବା ତୈଳ ଯୋଗାଣ ବ୍ୟାହତ ହୋଇଛି। ଏଣୁ ଭାରତୀୟ ବିଶୋଧନକାରୀମାନେ ରୁଷ ତୈଳ ଜାହାଜଗୁଡ଼ିକରୁ ତୈଳ ବୁକ୍ କରି ନେଇଛନ୍ତି, ଯାହା ପୂର୍ବରୁ ହିଁ ଏସୀୟ ସମୁଦ୍ରରେ ଥିଲେ, କିନ୍ତୁ କ୍ରେତା ମିଳୁ ନ ଥିଲେ।

## ଏଲପିଜି ସଙ୍କଟ ଏଡ଼ାଇବାକୁ ପ୍ରୟାସ

# ରାଜ୍ୟଙ୍କୁ ୪୦ ହଜାର କିଲୋଲିଟର ଅତିରିକ୍ତ କିରୋସିନ ଯୋଗାଇବ କେନ୍ଦ୍ର

ନୂଆଦିଲ୍ଲୀ,୧୨।୩(ଏଜେନ୍ସି): ପଶ୍ଚିମ ଏସିଆରେ ବଢୁଥିବା ଉତ୍ତେଜନା ମଧ୍ୟରେ କେନ୍ଦ୍ର ସରକାର ରାଜ୍ୟଗୁଡ଼ିକୁ ଅତିରିକ୍ତ ୪୦ ହଜାର କିଲୋଲିଟର କିରୋସିନ ଯୋଗାଇବାକୁ ନିଷ୍ପତ୍ତି ନେଇଛନ୍ତି। ଏହି ପଦକ୍ଷେପ ବିଶେଷ ଭାବରେ ଘରୋଇ ରନ୍ଧନ ଗ୍ୟାସ (ଏଲପିଜି)ର ଅଭାବ ଅନୁଭବ କରୁଥିବା ଅଞ୍ଚଳଗୁଡ଼ିକ ପାଇଁ ଉଦ୍ଦିଷ୍ଟ। କେନ୍ଦ୍ର ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ ମନ୍ତ୍ରଣାଳୟର ଯୁଗ୍ମ ସଚିବ ସୁଜାତା ଶର୍ମା କହିଛନ୍ତି ଯେ ରାଜ୍ୟଗୁଡ଼ିକ ସେମାନଙ୍କର ଚିହ୍ନଟ ହିତାଧିକାରୀମାନଙ୍କୁ ଏହି ପରିମାଣର କିରୋସିନ ବଣ୍ଟନ କରିବେ। ଏହା ସହିତ, ରୋଷେଇ ବାଧାପ୍ରାପ୍ତ ନ ହେବା ନିଶ୍ଚିତ କରିବା ପାଇଁ କିଛି ବାଣିଜ୍ୟିକ ଏଲପିଜି ସିଲିଣ୍ଡର ମଧ୍ୟ ଯୋଗାଇ ଦିଆଯିବ।

ଅପରପକ୍ଷେ ପଶ୍ଚିମ ଏସିଆରେ ଜାରି ସଂଘର୍ଷ କାରଣରୁ ବିଶ୍ୱ ଯୋଗାଣ ଶୃଙ୍ଖଳରେ ସୃଷ୍ଟି ହୋଇଥିବା ବାଧା ଦୂର କରିବା ଲାଗି ସରକାର ଗ୍ରହଣ କରିଥିବା ପଦକ୍ଷେପ ସମ୍ପର୍କରେ କେନ୍ଦ୍ର ପେଟ୍ରୋଲିୟମ ଏବଂ ପ୍ରାକୃତିକ ବାଷ୍ପ ମନ୍ତ୍ରୀ ହରଦୀପ ସିଂହ ପୁରୀ ଆଜି ଲୋକସଭାରେ ବକ୍ତବ୍ୟ ରଖିଛନ୍ତି। ସେ କହିଛନ୍ତି ଯେ, ପେଟ୍ରୋଲ, ଡିଜେଲ, କିରାସିନି, ଏଟିଏଫ କିମ୍ବା ଇନ୍ଧନ ତେଲର କୌଣସି ଅଭାବ ନାହିଁ। ପେଟ୍ରୋଲ, ଡିଜେଲ, ବିମାନ ଟର୍ବାଇନ୍ ଇନ୍ଧନ, କିରାସିନି ଏବଂ ଇନ୍ଧନ ତେଲର ଉପଲବ୍ଧତା ସମ୍ପୂର୍ଣ୍ଣ ସୁନିଶ୍ଚିତ ରହିଛି। ସାରା ଦେଶର ଖୁଚୁରା କେନ୍ଦ୍ରରେ ଯଥେଷ୍ଟ ଷ୍ଟକ୍ ରହିଛି ଏବଂ ଏସବୁ ଉତ୍ପାଦର ଯୋଗାଣ ଶୃଙ୍ଖଳ ସ୍ୱାଭାବିକ ଭାବେ କାର୍ଯ୍ୟ କରୁଛି। ସବୁ ରାଜ୍ୟକୁ ପିଡିଏସ କିରାସିନି ତେଲର ଅତିରିକ୍ତ ଆବଣ୍ଟନ ଜାରି କରାଯାଇଛି। ଭାରତର ଅଶୋଧିତ ତୈଳ ଯୋଗାଣ ସ୍ଥିତି ସୁରକ୍ଷିତ ରହିଛି ଏବଂ ସୁରକ୍ଷିତ ପରିମାଣ ହର୍ମୁଜ୍ ପ୍ରଣାଳୀ ମାଧ୍ୟମରେ ପ୍ରାପ୍ତ ପରିମାଣଠାରୁ ଅଧିକ। ସଙ୍କଟ ପୂର୍ବରୁ, ଭାରତର ପ୍ରାୟ ୪୫ ପ୍ରତିଶତ ଅଶୋଧିତ ତୈଳ ଆମଦାନୀ ହର୍ମୁଜ୍ ପ୍ରଣାଳୀ ଦେଇ ହେଉଥିଲା। ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ ଅସାଧାରଣ କୂଟନୈତିକ ସମ୍ପର୍କ ଏବଂ ସଭାବନା ଯୋଗୁଁ, ଭାରତ ସେହି ସମୟ ମଧ୍ୟରେ ଅବରୁଦ୍ଧ ହୋର୍ମୁଜ ପ୍ରଣାଳୀ ମାଧ୍ୟମରେ ପ୍ରାପ୍ତ ଅଶୋଧିତ ତୈଳ ଅପେକ୍ଷା ଅଧିକ ଅଶୋଧିତ ତୈଳ ସୁରକ୍ଷିତ କରିଛି। ଅଣ-ହୋର୍ମୁଜ୍ ଉତ୍ସରୁ ଅଶୋଧିତ ତୈଳ ଆମଦାନୀ ପ୍ରାୟ ୭୦ ପ୍ରତିଶତ ବୃଦ୍ଧି ପାଇଛି, ଯାହା ସଙ୍କଟ ପୂର୍ବରୁ ୫୫ ପ୍ରତିଶତ ଥିଲା। ଭାରତ ୪୦ଟି ଦେଶରୁ ଅଶୋଧିତ ତୈଳ ଆମଦାନୀ କରିଥାଏ, ଯାହା ୨୦୦୬-୦୭ରେ ମାତ୍ର ୨୭ ଥିଲା। ବର୍ଷ ବର୍ଷ ଧରି ସ୍ଥିର ନୀତି ମାଧ୍ୟମରେ ନିର୍ମିତ ଏହି ଢାଞ୍ଚାଗତ ବିବିଧତା ଆମକୁ ଏପରି ବିକଳ୍ପ ପ୍ରଦାନ କରେ ଯାହା ଅନ୍ୟ ଦେଶମାନଙ୍କ ପାଖରେ ଆଉ ନାହିଁ। ବିଶୋଧନାଗାରଗୁଡ଼ିକ ଉଚ୍ଚ କ୍ଷମତା ଉପଯୋଗ ଆଧାରରେ କାର୍ଯ୍ୟ କରୁଛନ୍ତି; ଅନେକ କ୍ଷେତ୍ରରେ, ସେମାନେ ୧୦୦ ପ୍ରତିଶତରୁ ଅଧିକ କ୍ଷମତାରେ କାର୍ଯ୍ୟ କରୁଛନ୍ତି।

### ପେଟ୍ରୋଲ, ଡିଜେଲ, କିରାସିନିର ଅଭାବ ନାହିଁ: ପେଟ୍ରୋଲିୟମ୍ ମନ୍ତ୍ରୀ

## ସିଆଇଆଇ ଓଡ଼ିଶା ପକ୍ଷରୁ ବାର୍ଷିକ ବୈଠକ

# 'ଦୃଢ଼ ଶିଳ୍ପ-ସରକାର ସହଭାଗିତା ଗୁରୁତ୍ୱପୂର୍ଣ୍ଣ'

ଭୁବନେଶ୍ୱର,୧୨।୩(ସମିସ): ରାଜ୍ୟରେ ସ୍ଥାୟୀ ଆର୍ଥିକ ଅଭିବୃଦ୍ଧି ପାଇଁ ସରକାର ଏବଂ ଶିଳ୍ପ ମଧ୍ୟରେ ଦୃଢ଼ ସହଭାଗୀତା ଆବଶ୍ୟକ। ସେ ବୃହତ ଉଦ୍ୟୋଗ ଏବଂ ଏମଏସଏମଇ ମଧ୍ୟରେ ସହଯୋଗର ଆବଶ୍ୟକତା ଉପରେ ଆଲୋକପାତ କରିଛନ୍ତି। ସମାବେଶୀ ବିକାଶ ସୁନିଶ୍ଚିତ କରିବା ପାଇଁ ସାମାଜିକ ଦାୟିତ୍ୱ ସହିତ ଆର୍ଥିକ ମହତ୍ତ୍ୱାକାଂକ୍ଷାକୁ ସନ୍ତୁଳିତ କରିବା ଜରୁରୀ। ରାଜ୍ୟ ସରକାର ସ୍ୱତନ୍ତ୍ର ଶିଳ୍ପ ଇକୋସିଷ୍ଟମ ନିର୍ମାଣ ଏବଂ ନିବେଶକୁ ଆକର୍ଷିତ କରିବା ପାଇଁ ବୟନ ଏବଂ ପୋଷାକ, ଔଷଧ ଏବଂ ଚିକିତ୍ସା ଉପକରଣ, ଲଜିଷ୍ଟିକ୍ସ ଏବଂ ଉନ୍ନତ ଉତ୍ପାଦନ ଭଳି କ୍ଷେତ୍ରର ଅଂଶୀଦାରମାନଙ୍କ ସହିତ ସକ୍ରିୟ ଭାବରେ ଜଡିତ ଥିବା ସିଆଇଆଇ ଓଡ଼ିଶା ପକ୍ଷରୁ ବାର୍ଷିକ ବୈଠକରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିଳ୍ପ, ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଛନ୍ତି।




'ଓଡ଼ିଶା ଲିଡିଂ: ସ୍ଥାୟୀ ଏବଂ ସମାବେଶୀ ବିକାଶ ପାଇଁ ସହଭାଗୀତା' ଶୀର୍ଷକ ଏକ ଅଧିବେଶନରେ ମୁଖ୍ୟ ସଚିବ ଅନୁ ଗର୍ଗ ରାଜ୍ୟର ଅର୍ଥନୈତିକ ପରିବର୍ତ୍ତନକୁ ସମର୍ଥନ କରିବା ପାଇଁ ଭିତ୍ତିଭୂମି ଏବଂ ଦକ୍ଷତା ବୃଦ୍ଧି ଉପରେ ଗୁରୁତ୍ୱାରୋପ କରିଛନ୍ତି। ଏହାସହିତ ବନ୍ଦର, ବିମାନବନ୍ଦର ଏବଂ ସଡ଼କ ସଂଯୋଗୀକରଣର ବିସ୍ତାର ଆବଶ୍ୟକତା ଉପରେ ଆଲୋକପାତ କରିଛନ୍ତି ଏବଂ ପ୍ରସ୍ତାବିତ ଭୁବନେଶ୍ୱର- କଟକ-ପାରାଦୀପ-ପୁରୀ ଅର୍ଥନୈତିକ କରିଡର ବିଷୟରେ ଉଲ୍ଲେଖ କରିଛନ୍ତି। ଏଥିରେ ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ହେମନ୍ତ ଶର୍ମା ଭିଜନ ୨୦୩୬ ଏବଂ ଭିଜନ ୨୦୪୭ ସହିତ ସମନ୍ୱିତ ରାଜ୍ୟର ଶିଳ୍ପ ରୋଡମ୍ୟାପ୍ ଉପରେ ଆଲୋକପାତ କରିଥିଲେ। ଅଧିବେଶନରେ ସିଆଇଆଇ ଓଡ଼ିଶା ରାଜ୍ୟ ପରିଷଦର ଅଧ୍ୟକ୍ଷ ଅନିଲ କୁମାର ସିଂହ, ସିଆଇଆଇ ପୂର୍ବାଞ୍ଚଳର ଉପାଧ୍ୟକ୍ଷ ମେହୁଲ ମୋହନକା ,ସିଆଇଆଇ ଓଡ଼ିଶା ରାଜ୍ୟ ପରିଷଦର ଉପାଧ୍ୟକ୍ଷ ମଣିକାନ୍ତ ନାଏକ , ବେଦାନ୍ତ ଲିମିଟେଡର ସିଇଓ ସି ଚନ୍ଦ୍ରୁ ଏବଂ ସ୍ୱଦେଶ ଇନଫ୍ରା ପ୍ରାଇଭେଟ ଲିମିଟେଡର ଏମ୍‌ଡି ସ୍ୱୟଂ ବରାଳ ପ୍ରମୁଖ ଉପସ୍ଥିତ ଥିଲେ।

## କେୟାର ହସ୍ପିଟାଲ୍ ଭୁବନେଶ୍ୱରରେ ବିଶ୍ୱ କିଡ୍‌ନୀ ଦିବସ ପାଳିତ



ଭୁବନେଶ୍ୱର, ୧୨।୩(ସମିସ): କେୟାର ହସ୍ପିଟାଲ୍ ଭୁବନେଶ୍ୱରରେ ଜନସାଧାରଣଙ୍କୁ କିଡନୀ ସ୍ୱାସ୍ଥ୍ୟ, କିଡନୀ ରୋଗ ନିବାରଣ ଏବଂ ଅଙ୍ଗଦାନର ଗୁରୁତ୍ୱ ଉପରେ ଶିକ୍ଷା ଦେବା ପାଇଁ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରି ବିଶ୍ୱ କିଡ୍‌ନୀ ଦିବସ ପାଳିତ ହୋଇଛି। ଏହି କାର୍ଯ୍ୟକ୍ରମରେ ପ୍ରମୁଖ ନେଫ୍ରୋଲୋଜିଷ୍ଟ, ୟୁରୋଲୋଜିଷ୍ଟ, କିଡନୀ ପ୍ରତିରୋପଣ ରୋଗୀ ଏବଂ ଗଣମାଧ୍ୟମର ସଦସ୍ୟମାନେ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ କେୟାର ହସ୍ପିଟାଲରେ ସଫଳତାର ସହ କିଡନୀ ପ୍ରତିରୋପଣ କରିଥିବା ବ୍ୟକ୍ତିମାନେ ସେମାନଙ୍କର ସଫଳ ଚିକିତ୍ସା ବିଷୟରେ କହିଥିଲେ। ଏଥିରେ ମଦରର ପରିଚାଳନା ଟ୍ରଷ୍ଟି ତ୍ରୈଲୋକ୍ୟ ନାଥ ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇଥଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଡାକ୍ତର ବିବେକାନନ୍ଦ ପଣ୍ଡା, (କ୍ଲିନିକାଲ୍ ନିର୍ଦ୍ଦେଶକ ଏବଂ ଏଚ୍‌ଓଡି),ଡାକ୍ତର ଅଶୋକ ପଣ୍ଡା, କ୍ଲିନିକାଲ୍ ନିର୍ଦ୍ଦେଶକ (ନେଫ୍ରୋଲୋଜି ଏବଂ ରେନାଲ୍ ଟ୍ରାନ୍ସପ୍ଲାଣ୍ଟ) ,ଡାକ୍ତର ସୁଚରିତା ଚକ୍ରବର୍ତ୍ତୀ, ପରାମର୍ଶଦାତା - ନେଫ୍ରୋଲୋଜି ଏବଂ ରେନାଲ୍ ଟ୍ରାନ୍ସପ୍ଲାଣ୍ଟ, ମଧୁମେହ ଏବଂ ଉଚ୍ଚ ରକ୍ତଚାପ ଥିବା ବ୍ୟକ୍ତିମାନଙ୍କୁ ନିୟମିତ ଭାବରେ ସେମାନଙ୍କର ବୃକକ୍ ସ୍ୱାସ୍ଥ୍ୟ ଉପରେ ନଜର ରଖିବାକୁ ପରାମର୍ଶ ଦେଇଥିଲେ। ଏଥିରେ ଡାକ୍ତର ସୁମନ୍ତ କୁମାର ମିଶ୍ର( ବରିଷ୍ଠ ପରାମର୍ଶଦାତା - ରେନାଲ୍ ଟ୍ରାନ୍ସପ୍ଲାଣ୍ଟ ଏବଂ ୟୁରୋଲୋଜି), ଡାକ୍ତର ଜ୍ୟୋତି ମୋହନ ତୋଷ, ପରାମର୍ଶଦାତା (ରେନାଲ୍ ଟ୍ରାନ୍ସପ୍ଲାଣ୍ଟ ଏବଂ ୟୁରୋଲୋଜି), ଡାକ୍ତର ସାନନ୍ଦ ବାଗ୍, ବରିଷ୍ଠ ପରାମର୍ଶଦାତା (ରେନାଲ୍ ଟ୍ରାନ୍ସପ୍ଲାଣ୍ଟ ଏବଂ ୟୁରୋଲୋଜି), ଡାକ୍ତର ସର୍ବଜିତ ନାୟକ, ମେଡିକାଲ ଅଧୀକ୍ଷକ (ନେଫ୍ରୋଲୋଜି ଏବଂ ୟୁରୋଲୋଜି) ପ୍ରମୁଖ ଉପସ୍ଥିତ ଥିଲେ।

## ଓଡିଶାର ଗ୍ରାମାଞ୍ଚଳରେ ମୋବାଇଲ୍ ସଂଯୋଗ

# ଡିଜିଟାଲ୍ ଭାରତ ନିଧିରୁ ଟେଲିକମ୍ ଅପରେଟର ପାଇଛନ୍ତି ୨,୨୨୯ କୋଟି

ନୂଅଦିଲ୍ଲୀ,୧୨।୩(ଏଜେନ୍ସି): ଡିଜିଟାଲ୍ ଭାରତ ନିଧି (ଡିବିଏନ୍) ଦେଶର ଅନୁନ୍ନତ ଗ୍ରାମାଞ୍ଚଳ, ଦୁର୍ଗମ ଏବଂ ସହରାଞ୍ଚଳରେ ଟେଲିକମ୍ ସେବାର ପ୍ରବେଶ ତଥା ବିତରଣକୁ ପ୍ରୋତ୍ସାହିତ କରି ସାର୍ବଜନୀନ ସେବାକୁ ସମର୍ଥନ କରିବା ପାଇଁ ଜନାଦେଶ ରହିଛି। ଫେବୃଆରୀ ୨୮ ସୁଦ୍ଧା ଦେଶବ୍ୟାପୀ ଅନୁନ୍ନତ ଗ୍ରାମାଞ୍ଚଳ ଏବଂ ଦୁର୍ଗମ ଅଞ୍ଚଳର ୪୬,୩୩୧ ଗ୍ରାମକୁ ସଂଯୋଗ ପ୍ରଦାନ କରିବା ପାଇଁ ୧୨ ଟି ଡିବିଏନ୍-ଆର୍ଥିକ ସହାୟତା ସହିତ ମୋବାଇଲ୍ ଟାୱାର ପ୍ରକଳ୍ପ ଅଧୀନରେ ମୋଟ ୩୪,୭୮୦ ଟି ମୋବାଇଲ୍ ଟାୱାର ଯୋଜନା କରାଯାଇଛି। ଏଥିମଧ୍ୟରୁ, ୭,୧୫୭ ଗ୍ରାମକୁ କଭର କରିବା ପାଇଁ ଓଡ଼ିଶା ରାଜ୍ୟର ୫,୧୮୨ଟି ମୋବାଇଲ୍ ଟାୱାର ଯୋଜନା କରାଯାଇଥିବା ରାଜ୍ୟସଭାରେ କେନ୍ଦ୍ର ସଞ୍ଚାର ଓ ଉତ୍ତର-ପୂର୍ବ କ୍ଷେତ୍ର ବିକାଶ ମନ୍ତ୍ରୀ ଜ୍ୟୋତିରାଦିତ୍ୟ ଏମ୍ ସିନ୍ଧିଆ କହିଛନ୍ତି।

କେନ୍ଦ୍ରମନ୍ତ୍ରୀ ଆହୁରି ସୂଚନା ଦେଇଛନ୍ତି ଯେ ଏହି ଯୋଜନାରେ ଓଡ଼ିଶାର ୧୩ଟି ଜିଲ୍ଲାରେ ୪,୪୭୦ଟି ମୋବାଇଲ୍ ଟାୱାର ଅନ୍ତର୍ଭୁକ୍ତ, ଯେଉଁଗୁଡ଼ିକର ଅଞ୍ଚଳ ସମ୍ବିଧାନର ପଞ୍ଚମ ଅନୁସୂଚୀ ଅନୁଯାୟୀ ଅଧିସୂଚିତ। ସେ ଏହା ମଧ୍ୟ କହିଛନ୍ତି ଯେ ୨୮ ଫେବୃଆରୀ ସୁଦ୍ଧା, ଓଡ଼ିଶାର ଗ୍ରାମାଞ୍ଚଳ ଏବଂ ଦୁର୍ଗମ ଅଞ୍ଚଳରେ ମୋବାଇଲ୍ ସେବା ଯୋଗାଇବା ପାଇଁ ଡିଜିଟାଲ୍ ଭାରତ ନିଧିରୁ ଟେଲିକମ୍ ଅପରେଟରମାନଙ୍କୁ ୨,୨୨୯.୩୫ କୋଟି ଟଙ୍କାର ପାଣ୍ଠି ପ୍ରଦାନ କରାଯାଇଛି। ଏଥିରେ ସମ୍ବିଧାନର ପଞ୍ଚମ ଅନୁସୂଚୀ ଅନୁଯାୟୀ ଅଧିସୂଚିତ ଜିଲ୍ଲାଗୁଡ଼ିକ ପାଇଁ ୧,୮୫୯.୯୫ କୋଟି ଟଙ୍କା ଅନ୍ତର୍ଭୁକ୍ତ।

